# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

## 11 October – 2025

## ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ 'ଷ୍ଟେଟ୍ ଅଫ୍ ଦ ଆର୍ଟ' ମାଛ ମାର୍କେଟ ଏବଂ ହୀରାକୁଦରେ ଏକକୀକୃତ ଆକ୍ୱାପାର୍କର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଚାଷୀମାନଙ୍କ ସହ ଭାବ ବିନିମୟ କରିବେ । ସରକାରଙ୍କ ସୂଚନା ଅନୁସାରେ ଏହି ପଦକ୍ଷେପ ଯୋଗୁଁ ଦେଶର ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଏବଂ କୃଷକ ଉତ୍ପାଦକ ଗୋଷ୍ଠୀ ଲାଭବାନ ହେବେ । ରାଜ୍ୟର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ।

## କ୍ୟାବିନେଟ ମଞ୍ଜୁରୀ

ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ୯୩ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଖାଦ୍ୟ ଓ ଧାନ ସଂଗ୍ରହ ନୀତି-୨୦୨୫-୨୬ ଅନୁମୋଦନ ମିଳିଛି । ଖରିଫ ଋତୁରେ ୭୩ଲକ୍ଷ ଏବଂ ରବି ଋତୁରେ ୨୦ଲକ୍ଷ ଟନ୍ ଧାନ ସଂଗ୍ରହ କରାଯିବ । ବର୍ଷ ବ୍ୟାପି ସରକାର ଖରିଫ ଓ ରବିଋତୁ ପାଇଁ

ପୃଥକ୍ ପୃଥକ୍ ଭାବେ ଧାନ ସଂଗ୍ରହ କରିବେ । ବୈଠକରୁ ମିଳିଥିବା ତଥ୍ୟ ଅନୁସାରେ ୬୩ଲକ୍ଷ ଟନ୍ ଚାଉଳ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ।  କ୍ୟାବିନେଟ ବୈଠକରେ ସହରାଞ୍ଚଳରୁ ବର୍ଜ୍ୟବସ୍ତୁ ହଟାଇ ପରିବେଶକୁ ସଫା ରଖିବା ଉଦ୍ଦେଶ୍ୟରେ 'ସ୍ୱଚ୍ଛ ଓଡିଶା ଯୋଜନା' କାର୍ଯ୍ୟକାରୀ କରିବେ । ଆଗାମୀ ୫ବର୍ଷ ମଧ୍ୟରେ ଏହି ଯୋଜନା ବାବଦରେ ୧ହଜାର ୬ଶହ କୋଟି ଟଙ୍କା ଖର୍ଚ୍ଚ କରିବେ । ଆନ୍ତଃ ରାଜ୍ୟ ନଦୀ ସଂଯୋଗୀକରଣ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ମୋଟ ୧୦ଟି ବିଭାଗର ୧୫ଟି ପ୍ରସ୍ତାବ ଉପରେ କ୍ୟାବିନେଟରେ ମଞ୍ଜୁରୀ ମିଳିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

# ଉପନିର୍ବାଚନ-ଆଦର୍ଶ ଆଚରଣ ବିଧି

ନୂଆପଡା ବିଧାନସଭା ଉପନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପୁଲିସ ଏବଂ ଅନ୍ୟ ବିଭାଗଗୁଡିକର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ନିର୍ବାଚନକୁ ମୁକ୍ତ, ଅବାଧ ଓ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ନିଷ୍ପତ୍ତି ହୋଇଛି ।

# ପରିବହନ ବିଭାଗ

ଚଳିତବର୍ଷ ଜୁଲାଇ ମାସ ଶେଷ ପୂର୍ବରୁ ଯେଉଁ ଗାଡି ଉପରେ ମୋଟରଯାନ ଆଇନ ଅନୁଯାୟୀ ଜରିମାନା ଲାଗୁ ହୋଇଥିଲା, ସେ କ୍ଷେତ୍ରରେ ପରିବହନ ବିଭାଗ ପକ୍ଷରୁ ୫୦ପ୍ରତିଶତ ଛାଡରେ ଜରିମାନା ଦେବା ପାଇଁ ନିଷ୍ପତ୍ତି

ହୋଇଛି । ମୋଟର ଯାନ ଆଇନର  ୨୪ଟି ବର୍ଗରେ ଗୋଟିଏ ଥରରେ ଜରିମାନା ପୈଠ କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି ।

# ଦିସା ବୈଠକ

କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀଠାରେ ଗତକାଲି ଦ୍ୱିତୀୟ ଦିସା ବୈଠକ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ହୋଇଯାଇଛି । ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜନକଲ୍ୟାଣକାରୀ ଯୋଜନାଗୁଡିକର ସମୀକ୍ଷା କରାଯିବା ସହିତ  ଲୋକମାନଙ୍କ ପକ୍ଷରୁ ମିଳୁଥିବା ଅଭିଯୋଗଗୁଡିକର ସମାଧାନ ପାଇଁ ଆଲୋଚନା ହୋଇଥିଲା । ବୈଠକରେ ଫୁଲବାଣୀ, ବାଲିଗୁଡା, ଜି. ଉଦୟଗିରିର ବିଧାୟକମାନେ ଯୋଗଦେଇଥିଲେ ।

# ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଲିଙ୍ଗଗତ ସମାନତା  ଏବଂ କନ୍ୟା ସନ୍ତାନକୁ ସମାନ ସୁଯୋଗ ଦେବା ନେଇ ଆଜି ଅନ୍ତର୍ଜାତୀୟ କନ୍ୟା ଦିବସ ପାଳନ କରାଯାଉଛି । ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ଶିକାର ନ ହେବାପାଇଁ ସଚେତନତାମୂଳକ ବାର୍ତ୍ତା ଦିଆଯାଉଛି । ଚଳିତ ବର୍ଷ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସର ବିଷୟ ରହିଛି **"ମୁଁ ଯେଉଁ ନେତୃତ୍ୱର ପରିବର୍ତ୍ତନ ନେଉଛି-ସଙ୍କଟର ଆଗଧାଡିରେ ଝିଅମାନେ"** । ସମଗ୍ର ବିଶ୍ୱରେ ଝିଅମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକର

ସମାଧାନ କରିବା ଏବଂ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ୨୦୧୨ ମସିହାଠାରୁ ବିଶ୍ୱସ୍ତରରେ ଏହି ଦିବସ ପାଳନ କରାଯାଉଛି ।

# ପାଣିପାଗ

ଦକ୍ଷିଣ ବାଂଲାଦେଶ ଏବଂ ଏହାର ପାଖାପାଖି ଉତ୍ତର ବଙ୍ଗୋପସାଗର ନିକଟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାର ସ୍ୱଳ୍ପରୁ ମଧ୍ୟମ ଧରଣର  ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି । କଳାହାଣ୍ଡି, ରାୟଗଡା, କୋରାପୁଟ ଜିଲ୍ଲାର କେତେକ ସ୍ଥାନରେ ଅଧିକ ବର୍ଷା ହେବ । ରାଜ୍ୟର ଦକ୍ଷିଣ ଓ ଉପକୂଳ ଅଞ୍ଚଳ ଗୁଡିକର କେତେକ ସ୍ଥାନରେ ଆଜି ଘଡଘଡି ସହ ବର୍ଷାର ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଅନ୍ୟ ପକ୍ଷରେ ଆସନ୍ତା ସପ୍ତାହରେ ରାଜ୍ୟର କେତେକ ଅଞ୍ଚଳରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବା ସହିତ ରାତି ତାପମାତ୍ରା ୨ରୁ ୩ଡିଗ୍ରୀ ହ୍ରାସ ପାଇବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।